# DIRECTORATE OF TEACHER EDUCATION AND SCERT,

# ODISHA, BHUBANESWAR

**Letter No....4959........** **Date....18.10.24.....**

**SCERT-AP-FLN-0002-2024**

**From**

**The Director,**

**TE and SCERT,**

**Odisha, Bhubaneswar**

**To**

**The Principals of all DIETs of the State.**

**Sub: Sharing of the contents of 5th Monthly Cluster Level Meeting.**

**Sir/ Madam,**

In inviting a reference to the subject cited above, I am to inform you that the 5th Monthly Cluster Level Meeting will be conducted during **4th week of October** in each cluster. In this context SCERT and OSEPA have designed the content of the meeting which has been shared with all Principals and DIET faculties on 08.10.2024 in virtual mode. The same content will be discussed in the 5th Cluster Level Meeting.

You are, therefore, requested to conduct orientation programme for CRCCs on the contents in physical mode at DIET before the Cluster Level Meeting.

**Yours faithfully**

**Encl: Soft copy of the contents**

**Director**
17/10/2024

**Memo No....4960.......... Date ....18.10.24.....**

Copy forwarded to the **District Education Officers/ Block Education Officers of the state** for information and necessary action.

**Director**
17/10/2024

Memo No......4961...... Date .....18.10.24

Copy submitted to the **State Project Director, Odisha School Education Programme Authority, Bhubaneswar** for information and necessary action.

**Director**
17/x/2024

Memo No......4962...... Date .....18.10.24

Copy submitted to the **Sr. PS to Commissioner-cum-Secretary to Government, Department of School and Mass Education, Odisha, Bhubaneswar** for kind information of Commissioner-cum-Secretary.

**Director**
17/x/2024



# ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ
# ଅକ୍ଟୋବର - ୨୦୨୪

# କାର୍ଯ୍ୟସୂଚୀ

| କ୍ରମିକ ସଂଖ୍ୟା | ବିଷୟବସ୍ତୁ | ସମୟ ଅବଧି |
|---|---|---|
| ୧. | ସ୍ୱାଗତ ଏବଂ କାର୍ଯ୍ୟସୂଚୀର ସୂଚନା ପ୍ରଦାନ | ୧୦. ୦୦AM-୧୦.୧୫AM |
| ୨. | ବିଦ୍ୟାଳୟ ପରିଦର୍ଶନ ଓ ଆଲୋଚନା | ୧୦. ୧୫AM-୧୦.୪୫AM |
| ୩. | ପୂର୍ବ ବୈଠକ ବିଷୟବସ୍ତୁର ପୁନରାଲୋଚନା | ୧୦. ୪୫AM-୧୧.୦୦AM |
| ୪. | ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ବିଷୟବସ୍ତୁ:<br>- ଅକ୍ଟୋବର ମାସର ଶୈକ୍ଷିକ କ୍ୟାଲେଣ୍ଡର<br>- ନମୁନା ପାଠଯୋଜନା<br>- ଶ୍ରେଣୀପରିଚାଳନା ସମୟର ସୁବିଧା ଓ ଅସୁବିଧା<br>- ମାନନିର୍ଦ୍ଧାରଣ ଟ୍ରାକର ରେଜିଷ୍ଟର ଆଲୋଚନା | ୧୧. ୦୦AM-୦୧.୩୦PM |

# କାର୍ଯ୍ୟସୂଚୀ

| କ୍ରମିକ ସଂଖ୍ୟା | ବିଷୟବସ୍ତୁ | ସମୟ ଅବଧି |
|---|---|---|
| | ମଧ୍ୟାହ୍ନ ଭୋଜନ ବିରତି | ୦୧. ୩୦PM-୨.୩୦PM |
| ୫. | ଜାତୀୟ ଉପଲବ୍ଧି ପରୀକ୍ଷଣ ପାଇଁ ପ୍ରସ୍ତୁତି | ୦୨. ୩୦ PM-୦୩.୩୦ PM |
| ୬. | ନିପୁଣ ଓଡିଶା କାର୍ଯ୍ୟକ୍ରମ | ୦୩. ୩୦PM-୪ .୦୦PM |

# ବିଦ୍ୟାଳୟ ପରିଦର୍ଶନ ଓ ଆଲୋଚନା

୧. ଏହି ବିଦ୍ୟାଳୟର ଶୈକ୍ଷିକ ଓ ଭୌତିକ ପରିବେଶ ସମ୍ପର୍କିତ କେଉଁ କଥା ଆପଣମାନଙ୍କୁ ଭଲ ଲାଗିଲା ?

୨. ଏଥି ମଧ୍ୟରୁ କେଉଁ କାର୍ଯ୍ୟଟିକୁ ଆପଣଙ୍କ ବିଦ୍ୟାଳୟରେ କାର୍ଯ୍ୟକାରୀ କରିବେ ବୋଲି ଆପଣମାନେ ଭାବୁଛନ୍ତି ?

୩. ଏହି ବିଦ୍ୟାଳୟର ଶୈକ୍ଷିକ ବାତାବରଣରେ ଉନ୍ନତି ପାଇଁ ଆପଣ କ'ଣ ସବୁ ମତାମତ ଦେବେ ?

# ପୂର୍ବ ବୈଠକ ବିଷୟବସ୍ତୁର ପୁନରାଲୋଚନା

୧. ସେପ୍ଟେମ୍ବର  ମାସର ମାସିକ କ୍ଲଷ୍ଟର ସ୍ତରୀୟ ମିଟିଂରେ କେଉଁ ବିଷୟଗୁଡିକ ଆଲୋଚନା କରାଯାଇଥିଲା ?

୨. ଏହି ବିଷୟଗୁଡିକ ଆପଣମାନେ ନିଜ ନିଜ ବିଦ୍ୟାଳୟର ଅନ୍ୟ ଶିକ୍ଷକ /ଶିକ୍ଷୟିତ୍ରୀଙ୍କ  ସହିତ ଆଲୋଚନା କରିଥିଲେ କି ?

୩. ଆଲୋଚିତ ବିଷୟମଧ୍ୟରୁ କେଉଁଗୁଡିକୁ ଆପଣ କାର୍ଯ୍ୟକାରୀ କରିଛନ୍ତି ଓ କିପରି କରିଛନ୍ତି ?

# ପୂର୍ବ ବୈଠକର ବିଷୟବସ୍ତୁ

୧. ବିଦ୍ୟାଳୟ ପରିଦର୍ଶନ ଓ ଆଲୋଚନା

୨. ସେପ୍ଟେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର

୩. ନମୂନା ପାଠଯୋଜନା ସମ୍ପର୍କିତ ଆଲୋଚନା

୪. ମାନନିର୍ଦ୍ଧାରଣ ଟ୍ରାକର  ପୂରଣ

୫ . ମାନନିର୍ଦ୍ଧାରଣ ଟ୍ରାକର ରେଜିଷ୍ଟର

୬. ଜାତୀୟ ଉପଲବ୍ଧି ପରୀକ୍ଷଣ ପାଇଁ ପ୍ରସ୍ତୁତି

୭. ପର୍ଯ୍ୟାୟ- ଭିତ୍ତିକ ମାନନିର୍ଦ୍ଧାରଣ

୮. ଟାବ୍ଲେଟର ବ୍ୟବହାର

# ଅକ୍ଟୋବର ମାସର ଶୈକ୍ଷିକ କ୍ୟାଲେଣ୍ଡର

୧. ଏହି ମାସ ପାଇଁ ପ୍ରଥମ ଶ୍ରେଣୀର ଭାଷା ଓ ଗଣିତର ଶିକ୍ଷଣ ଫଳାଫଳ ଗୁଡିକ କ'ଣ କ'ଣ ଅଛି ?

୨. ଦ୍ୱିତୀୟ ଶ୍ରେଣୀର ଭାଷା ଓ ଗଣିତର ଶିକ୍ଷଣ ଫଳାଫଳ ଗୁଡିକ କ'ଣ କ'ଣ ଅଛି ?

୩. ତୃତୀୟ ଶ୍ରେଣୀର ଭାଷା ଓ ଗଣିତର ଶିକ୍ଷଣ ଫଳାଫଳ ଗୁଡିକ କ'ଣ କ'ଣ ଅଛି ?

https://drive.google.com/file/d/11FoZ5Do-GgG7iPctyMBFTKyVXMgocmNj/view?usp=drive_link

# ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ନମୂନା ପାଠଯୋଜନା

| ବିଷୟ<br>. | ଶ୍ରେଣୀ | ଲିଙ୍କ |
|---|---|---|
| ମୌଳିକ ସାକ୍ଷରତା (ଏକକ ଶ୍ରେଣୀ) | ପ୍ରଥମ | https://drive.google.com/file/d/1If30vBi5Fi_vutgFmJU4RVLrR1Xondlb/view?usp=sharing |
| ମୌଳିକ ସଂଖ୍ୟାଜ୍ଞାନ (ବହୁ ଶ୍ରେଣୀ ) | ଦ୍ୱିତୀୟ ଓ ତୃତୀୟ | https://drive.google.com/file/d/1jxoiJwe4VeEAFeSrwbxx_uLkL8amSzYA/view?usp=drive_link |

ଏହି ପାଠ ଯୋଜନାଗୁଡିକ ଶ୍ରେଣୀ ପରିଚାଳନା କରିବା ପାଇଁ ମାସ ଆରମ୍ଭରୁ ଦିଆଯାଇଥିଲା। ମାସିକ ବୈଠକରେ ଏଗୁଡ଼ିକର ସୁବିଧା ଅସୁବିଧା ଆଲୋଚନା କରିବା ସମୟରେ ଏହି link ଗୁଡିକ ବ୍ୟବହାର କରିବା ପାଇଁ ଦିଆଯାଇଛି ।

# ଶ୍ରେଣୀ ପରିଚାଳନା ସମୟରେ ସୁବିଧା ଓ ଅସୁବିଧା

- ପ୍ରତ୍ୟେକ ପାଠଯୋଜନା କେଉଁ ଶିକ୍ଷଣ ଫଳାଫଳ ଆଧାରିତ ଥିଲା ?
- ଦିଆଯାଇଥିବା ପାଠଯୋଜନାର ସୋପାନଗୁଡିକ କ'ଣ ଥିଲା ?
- ଏହି ଯୋଜନା ଶ୍ରେଣୀ ପରିଚାଳନାରେ ସହାୟକ ଥିଲା କି ? କିପରି ?
- ଶ୍ରେଣୀ ପରିଚାଳନାରେ ସମସ୍ତ ଶିକ୍ଷାର୍ଥୀଙ୍କ ଭାଗୀଦାରିତା ଥିଲା କି ? ଯଦି ନା, ତେବେ ଆପଣମାନେ କି ପ୍ରକାର ପଦକ୍ଷେପ ନେଲେ ?
- ଆଉ କେଉଁ କେଉଁ ପଦକ୍ଷେପ ନିଆଯାଇପାରିବ ?

- ସାକ୍ଷରତା ଓ ସଂଖ୍ୟାଜ୍ଞାନରୁ ଜଣେ ଗୋଟିଏ ଲେଖାଏଁ ସୋପାନର ପ୍ରଦର୍ଶନ(demonstration) କରନ୍ତୁ ।

(ଏକକ ଶ୍ରେଣୀ ଓ ବହୁଶ୍ରେଣୀ ପରିସ୍ଥିତିର)

-ସାକ୍ଷରତା ( ମୌଖିକ ଭାଷା ବିକାଶ / ଡିକୋଡିଙ୍ଗ/ ପଠନ ଦକ୍ଷତା ର ବିକାଶ )
-ସଂଖ୍ୟାଜ୍ଞାନ( ମୂର୍ତ୍ତ (Concrete)/ ଚିତ୍ରିତ ( Representation)/ ଅମୂର୍ତ୍ତ (Abstract)

# Link for FLN Video

**ଭାଷା - ଏକକ ଶ୍ରେଣୀ ପରିଚାଳନା –**

https://drive.google.com/file/d/1-OkIFt4NWdy9CCqZgoPbbLMfQMP1b8zR/view?usp=drive_link

**ସଂଖ୍ୟାଜ୍ଞାନ- ବହୁଶ୍ରେଣୀ ପରିଚାଳନା –**
https://drive.google.com/file/d/1qnIldG1mmlF_Br8R970IQYSeKJ3jz7dv/view?usp=sharing

**ଏହି ଭିଡିଓକୁ ଆଲୋଚନା ସମୟରେ ପ୍ରତ୍ୟେକ ସୋପାନକୁ ଗୁରୁତ୍ୱଦେଇ ଅଳ୍ପ ସମୟ ମଧ୍ୟରେ ଆଲୋଚନା କରାଯିବ । ପରବର୍ତ୍ତୀ ସମୟରେ ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକ ସମ୍ପୂର୍ଣ ଭିଡିଓ ଗୁଡିକୁ ଠିକ ଭାବରେ ନିଜର ଆବଶ୍ୟକତା ଅନୁସାରେ ଦେଖିବେ।**

# Assessment Tracker Register

- ଶିକ୍ଷଣ ସୋପାନ ପ୍ରଥମ ଶ୍ରେଣୀ –

 https://drive.google.com/file/d/1VM2YnpgSUVNU5nMQzkcpzj3NMFpiDN_K/view?usp=sharing

- ଶିକ୍ଷଣ ସୋପାନ ଦ୍ଵିତୀୟ ଶ୍ରେଣୀ –

https://drive.google.com/file/d/1zq0GDUJ3tAPRBZYd7eGoCv6h8SE8CEmS/view?usp=sharing

- ଶିକ୍ଷଣ ସୋପାନ ତୃତୀୟ ଶ୍ରେଣୀ –

https://drive.google.com/file/d/1ZxPmRUdNKbPp3o4P1vaKjloCZfoA8-Uz/view?usp=sharing

# ପ୍ରଥମ ପର୍ଯାୟଭିତ୍ତିକ ମାନନିର୍ଦ୍ଧାରଣ

## ପ୍ରଥମ ପର୍ଯ୍ୟାୟଭିତ୍ତିକ ମାନନିର୍ଦ୍ଧାରଣର ଭାଷା ଓ ଗଣିତ ପାଇଁ ଶ୍ରେଣୀ ଅନୁଯାୟୀ ଶିକ୍ଷଣ ଫଳାଫଳଗୁଡ଼ିକ କ'ଣ କ'ଣ ଥିଲା ?

# ପ୍ରଥମ ଶ୍ରେଣୀ ଭାଷା

| କ୍ର . ସଂ . | ଦକ୍ଷତା | ଉପଦକ୍ଷତା | ପ୍ରଶ୍ନ ନମ୍ବର (ପର୍ଯ୍ୟାୟଭିତ୍ତିକ ମାନନିର୍ଦ୍ଧାରଣ, ସେପ୍ଟମ୍ବର ୨୪) |
|---|---|---|---|
| ମୌଖିକ ଭାଷା ବିକାଶ | | | |
| ୧ | ଚିତ୍ରକୁ ବର୍ଣ୍ଣନା କରିବ | ଚିତ୍ରରେ ଥିବା ବସ୍ତୁ ଓ ଘଟଣା ଆଧାରରେ ୧-୨ ଟି ବାକ୍ୟ କହୁଛି | ୩ |
| ୨ | କବିତା ଆବୃତ୍ତି କରିବ | କବିତାର ଗୋଟେ ପଦ ଭାବଭଙ୍ଗୀ ସହ ନିଜେ ଆବୃତ୍ତି କରୁଛି | ୭ |
| ୩ | ଶୁଣିକରି ବୁଝିବ | ଗପ ଓ କବିତା ସମ୍ପର୍କିତ ଗୋଟିଏ ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନର ଉତ୍ତର ଦେଉଛି | ୨ |
| ଡିକୋଡିଂ | | | |
| ୧ | ଧ୍ୱନି ସଚେତନତା (ପରିଚିତ ଶବ୍ଦରୁ ପ୍ରଥମ ଧ୍ୱନିକୁ ଚିହ୍ନି କହୁଛି ) | ପରିଚିତ ଶବ୍ଦର ପ୍ରଥମ ଧ୍ୱନିକୁ ଚିହ୍ନି କହୁଛି | ୪, ୫ |
| ୨ | ଅକ୍ଷର ଓ ମାତ୍ରା ଚିହ୍ନିବ | ଗ, ଝ , କ , ପ , ନ ଓ ( ଆ କାର ) ମାତ୍ରା ଚିହ୍ନୁଛି (ପୂର୍ବରୁ ପଢ଼ାଯାଇଥିବା ଅକ୍ଷର ) | ୬ |
| ୩ | ଶବ୍ଦ ପଠନ | ୨ ଅକ୍ଷର ବିଶିଷ୍ଟ ଅବନା ଓ ମାତ୍ରାଯୁକ୍ତ ସରଳ ଶବ୍ଦ ପଢୁଛି (ପଢ଼ାଯାଇଥିବା ଅକ୍ଷର ଓ ମାତ୍ରାକୁ ନେଇ ଗଠିତ ଶବ୍ଦ) | ୮ |
| ପଠନ ବୋଧଗମ୍ୟତା | | | |
| ୧ | ଛାପାଲେଖା ସାମଗ୍ରୀ ସହ ପରିଚୟ | ଚିତ୍ର ଦେଖି ଅନୁମାନ କରି ପଢୁଛି | |
| ଲିଖନ | | | |
| ୧ | ଅକ୍ଷର ଓ ମାତ୍ରା ଲେଖିବ | ଗ, ଝ , କ , ପ , ନ ଓ ( ଆ କାର ) ମାତ୍ରା ଶୁଣିକରି ଲେଖୁଛି (ପୂର୍ବରୁ ପଢ଼ାଯାଇଥିବା ଅକ୍ଷର ) | ୯ |
| ୨ | ଶବ୍ଦ ଲିଖନ | ୨ ଅକ୍ଷର ବିଶିଷ୍ଟ ଅବନା ଓ ମାତ୍ରାଯୁକ୍ତ ସରଳ ଶବ୍ଦ ଲେଖୁଛି | ୧୦ |
| | ଅନୁଭୂତିକୁ ନିଜ ଭାଷାରେ କହିବ | | ୧ |

| ପ୍ରଥମ ଶ୍ରେଣୀ -ସେପ୍ଟେମ୍ବର ମାସ ସଂକଳନ ଫର୍ଦ୍ଦ ( Consolidation )-ସଂଖ୍ୟାଜ୍ଞାନ | | |
|---|---|---|
| **ମୁଖ୍ୟ ଦକ୍ଷତା** | **ଉପ ଦକ୍ଷତା** | **ପର୍ଯ୍ୟାୟ ଭିତ୍ତିକ ମାନନିର୍ଦ୍ଧାରଣ ପ୍ରଶ୍ନ** |
| **ପ୍ରାକ୍ ଗାଣିତିକ ଧାରଣା** | | |
| ବସ୍ତୁର ଆକାର ,ଆକୃତି ,ରଙ୍ଗ ଆଧାରରେ ବର୍ଗୀକରଣ | ବସ୍ତୁର ଆକୃତି , ରଙ୍ଗ , ଆକାର ଆଧାରରେ ତୁଳନା ଓ ବର୍ଗୀକରଣ କରିପାରୁଛି । | ପ୍ରଶ୍ନ-୧ କ , ଖ , ଗ |
| ତୁଳନା - ( ପାଖ-ଦୂର , ହାଲୁକା -ଓଜନିଆ, ବଡ - ସାନ,ତଳ-ଉପର, ଅଧିକ -କମ ) | ବସ୍ତୁଗୁଡିକୁ ଅଧିକ -କମ ଆଧାରରେ ବର୍ଣ୍ଣନା କରିପାରୁଛି । | ପ୍ରଶ୍ନ – ୨ କ ,ଖ ଏବଂ ପ୍ରଶ୍ନ -୪ କ ,ଖ ଗ |
| | ଦୁଇଟି ବସ୍ତୁର ଧାରକତ୍ୱକୁ ନେଇ ତୁଳନା କରି ପାରୁଛି । | ପ୍ରଶ୍ନ -୩ କ ,ଖ ,ଗ |
| ଏକ-ଏକ ମେଳକ | ଦୁଇ ପ୍ରକାରର ୫-୬ ଟି ବସ୍ତୁକୁ ଏକ-ଏକ ମେଳକ କରି ସଜେଇ ପାରୁଛି । | ପ୍ରଶ୍ନ -୬ |
| **ସଂଖ୍ୟା ପରିଚୟ** | | |
| ବାସ୍ତବ ବସ୍ତୁ ଓ ଚିତ୍ରକୁ ବ୍ୟବହାର କରି ୯୯ ପର୍ଯ୍ୟନ୍ତ ଗଣନ ଓ ସଂଖ୍ୟା ସୂଚକ ଚିହ୍ନଟ | ବାସ୍ତବ ବସ୍ତୁ ବ୍ୟବହାର କରି ୧ ରୁ ୯ ପର୍ଯ୍ୟନ୍ତ ସଂଖ୍ୟା ଗଣି ପାରୁଛି । | ପ୍ରଶ୍ନ-୫ |
| **ସଂଖ୍ୟା ଓ ସାଂଖ୍ୟିକ ପ୍ରକ୍ରିୟା** | | |
| ୧ ରୁ୯ ପର୍ଯ୍ୟନ୍ତ ସଂଖ୍ୟାର ମିଶାଣ (ମିଶାଣଫଳ ୧୮ ମଧ୍ୟରେ) | ଦୁଇଟି ବସ୍ତୁ ସମୂହକୁ ମିଶାଇ (୯ ମଧ୍ୟରେ ) ପୁନଃ ଗଣନ କରି ପାରୁଛି । | ପ୍ରଶ୍ନ -୭ ଖ ,ଗ ଏବଂ ପ୍ରଶ୍ନ -୮ |
| | ୧ ରୁ ୯ ମଧ୍ୟରେ ସଂଖ୍ୟାର ମିଶାଣ କରିପାରୁଛି । | ପ୍ରଶ୍ନ -୯ କ ,ଖ, ଗ |
| ୧୮ ପର୍ଯ୍ୟନ୍ତ ସଂଖ୍ୟାର ଫେଡାଣ | ୯ ମଧ୍ୟରେ ବସ୍ତୁ ସମୂହରୁ କେତୋଟି ବାହାର କରି ପୁନଃ ଗଣନ କରି ପାରୁଛି । | ପ୍ରଶ୍ନ -୧୦ କ ,ଖ |

# ଦ୍ୱିତୀୟ ଶ୍ରେଣୀ ଭାଷା

| କ୍ର . ସଂ . | ଦକ୍ଷତା | ଉପଦକ୍ଷତା | ପ୍ରଶ୍ନ ନମ୍ବର (ପର୍ଯ୍ୟାୟଭିତ୍ତିକ ମାନନିର୍ଦ୍ଧାରଣ, ସେପ୍ଟମ୍ବର ୨୪) |
|---|---|---|---|
| ମୌଖିକ ଭାଷା ବିକାଶ | | | |
| ୧ | ଶୁଣିକରି ବୁଝିବ | ଗପ ଓ କବିତା ସମ୍ପର୍କିତ ଦୁଇଟି  ନିର୍ଦ୍ଦିଷ୍ଟ ଉତ୍ତରମୂଳକ ଓ ଗୋଟିଏ ମୁକ୍ତ ଉତ୍ତରମୂଳକ ପ୍ରଶ୍ନର ଉତ୍ତର ଦେଉଛି | ୧ |
| ୨ | ଚିତ୍ରକୁ ବର୍ଣ୍ଣନା କରିବ | ଚିତ୍ରରେ ଥିବା ବସ୍ତୁ ଓ ଘଟଣାକୁ ଯୋଡ଼ି ୨-୩ ଟି ବାକ୍ୟ କହୁଛି | ୨ |
| ୩ | କବିତା ଆବୃତ୍ତି କରିବ | କବିତାଟିକୁ ଭାବଭଙ୍ଗୀ ସହ ନିଜେ ଆବୃତ୍ତି କରୁଛି | ୩ |
| ଡିକୋଡିଂ | | | |
| ୧ | ଅକ୍ଷର ଓ ମାତ୍ରା ଚିହ୍ନିବ | ସମସ୍ତ ଅକ୍ଷର ଓ ମାତ୍ରା ଚିହ୍ନି ପଢୁଛି | ୪ |
| ୨ | ଶବ୍ଦ ପଠନ | ୨-୪ ଅକ୍ଷର ବିଶିଷ୍ଟ  ସରଳ ଶବ୍ଦ ପଢୁଛି | ୫ |
| ୩ | ଯୁକ୍ତାକ୍ଷର ଓ ଫଳା ଚିହ୍ନିବ | ସ୍ୱ, କ୍ସ, ସ୍କ, ଷ୍ପ, ଷ୍ଟ, ଦ୍ଧ, ଦ୍ଦ, ଶ୍ଚ, ଭ, ର୍ମ୍ପ, ଣ୍ଟ, ଣ୍ଡ, ୟ ଫଳା (ପୂର୍ବରୁ ଶିଖିଥିବା ଯୁକ୍ତାକ୍ଷର ଓ ଫଳା ସହିତ) ) | |
| ପଠନ ବୋଧଗମ୍ୟତା | | | |
| | ଅର୍ଥ ବୁଝି ପଢ଼ିବ | ୨୫-୩୦ ଶବ୍ଦ ବିଶିଷ୍ଟ ପାଠକୁ ପଢ଼ି ବୁଝୁଛି ଓ ଦୁଇଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ଓ ଗୋଟିଏ ମୁକ୍ତ ଉତ୍ତର ଦେଉଛି | ୭ |
| ଲିଖନ | | | |
| | ଶବ୍ଦ ଲିଖନ | ୨-୪ ଅକ୍ଷର ବିଶିଷ୍ଟ ଶବ୍ଦ ଲେଖୁଛି | ୬ , ୮ |
| | ବାକ୍ୟ ଲିଖନ | ଶୁଣିକରି ୧-୨ଟି ସରଳ ବାକ୍ୟ ଲେଖିପାରୁଛି | |
| | ସୃଜନଶୀଳ ଲିଖନ | ଅନୁଭୂତି, ଚିତ୍ର, ପ୍ରସଙ୍ଗ ଓ ପଢ଼ିଥିବା ଗପ ବିଷୟରେ ୧-୨  ଟି ବାକ୍ୟ ଲେଖିପାରୁଛି | ୯ |

| ଦ୍ୱିତୀୟ ଶ୍ରେଣୀ - ସେପ୍ଟେମ୍ବର ମାସ ସଂକଳନ ଫର୍ଦ୍ଦ ( Consolidation )- ସଂଖ୍ୟାଜ୍ଞାନ | | |
|---|---|---|
| **ମୁଖ୍ୟ ଦକ୍ଷତା** | **ଉପ ଦକ୍ଷତା** | **ପର୍ଯ୍ୟାୟ ଭିତ୍ତିକ ମାନନିର୍ଦ୍ଧାରଣ ପ୍ରଶ୍ନ** |
| ସ୍ଥାନ ଓ ସ୍ଥାନିକ ବୋଧ | | |
| ଦ୍ୱି- ମାତ୍ରକି ଆକୃତିର ଧାର, ଶୀର୍ଷ ଓ କର୍ଣ୍ଣ ଚିହ୍ନଟ | ଦ୍ୱି-ମାତ୍ରିକ ଆକୃତି( 2D Shapes) କୁ ଚିହ୍ନଟ କରି ପାରୁଛି । ଏହାର ଧାର, ଶୀର୍ଷ ଓ କର୍ଣ୍ଣକୁ ଦର୍ଶାଇ ପାରୁଛି । | ପ୍ରଶ୍ନ -୧ |
| | ଭୂଲମ୍ବ ,ବାହୁ ସମାନ୍ତର ଓ ତୀର୍ଯ୍ୟକ ସରଳ ରେଖା ଅଙ୍କନ କରି ପାରୁଛି । | ପ୍ରଶ୍ନ -୨ |
| ସଂଖ୍ୟା ପରିଚୟ | | |
| ବାସ୍ତବ ବସ୍ତୁ/ଚିତ୍ର ବ୍ୟବହାର କରି ଦଶ ଦଶ ,ପୁଞ୍ଜା ପୁଞ୍ଜା ,ଯୋଡା ଯୋଡା ଗଣନ | ଯୋଡା ,ପୁଞ୍ଜା , ଦଶ ଦଶ କରି ଗଣି ପାରୁଛି । | ପ୍ରଶ୍ନ -୩ |
| ସ୍ଥାନୀୟମାନ ବ୍ୟବହାର କରି ୯୯ ପର୍ଯ୍ୟନ୍ତ ସଂଖ୍ୟା ପଠନ ଓ ଲିଖନ | ଦୁଇଅଙ୍କ ବିଶିଷ୍ଟ ଯେକୌଣସି ସଂଖ୍ୟାଗୁଡିକର ସ୍ଥାନୀୟମାନ ବ୍ୟବହାର କରି ସଂଖ୍ୟା ଗଢି ପାରୁଛି ଓ ଲେଖି ପାରୁଛି । | ପ୍ରଶ୍ନ -୪ ଏବଂ ପ୍ରଶ୍ନ -୯ |
| ବଡ ସାନ ସଂଖ୍ୟା ଚିହ୍ନଟ | ଅଙ୍କମାନଙ୍କୁ ବ୍ୟବହାର କରି ( ଥରେ ବା ଏକାଧିକ ଥର ) ଦୁଇଅଙ୍କ ବିଶିଷ୍ଟ ବଡ ଓ ସାନ ସଂଖ୍ୟା ତିଆରି କରି ପାରୁଛି । | ପ୍ରଶ୍ନ -୫ ଏବଂ ପ୍ରଶ୍ନ -୬ |
| ସଂଖ୍ୟା ଓ ସାଂଖ୍ୟିକ ପ୍ରକ୍ରିୟା | | |
| ଦୁଇଅଙ୍କ ବିଶିଷ୍ଟ ସଂଖ୍ୟାର ଯୋଗ ( ୯୯ ମଧ୍ୟରେ ) | ଦୁଇଅଙ୍କ ବିଶିଷ୍ଟ ସଂଖ୍ୟାମାନଙ୍କର ଯୋଗ ସମ୍ବନ୍ଧୀୟ ସମସ୍ୟାର ସମାଧାନ କରି ପାରୁଛି । | ପ୍ରଶ୍ନ -୭ |
| ଦୁଇଅଙ୍କ ବିଶିଷ୍ଟ ସଂଖ୍ୟାର ବିୟୋଗ ( ୯୯ ମଧ୍ୟରେ ) | ଦୁଇଅଙ୍କ ବିଶିଷ୍ଟ ସଂଖ୍ୟାମାନଙ୍କର ବିୟୋଗ ସମ୍ବନ୍ଧୀୟ ସମସ୍ୟାର ସମାଧାନ କରି ପାରୁଛି । | ପ୍ରଶ୍ନ -୮ |

# ତୃତୀୟ ଶ୍ରେଣୀ ଭାଷା

| କ୍ର . ସଂ . | ଦକ୍ଷତା | ଉପଦକ୍ଷତା | ପ୍ରଶ୍ନ ନମ୍ବର (ପର୍ଯ୍ୟାୟଭିତ୍ତିକ ମାନନିର୍ଦ୍ଧାରଣ, ସେପ୍ଟମ୍ବର ୨୪) |
|---|---|---|---|
| ମୌଖିକ ଭାଷା ବିକାଶ | | | |
| ୧ | ଶୁଣିକରି ବୁଝିବ | ଗପ ଓ କବିତା ସମ୍ପର୍କିତ ନିର୍ଦ୍ଦିଷ୍ଟ ଉତ୍ତରମୂଳକ ଓ ମୁକ୍ତ ଉତ୍ତରମୂଳକ ପ୍ରଶ୍ନର ଉତ୍ତର ଦେଉଛି | ୨ |
| ୨ | ଚିତ୍ରକୁ ବର୍ଣ୍ଣନା କରିବ | ଚିତ୍ରରେ ଥିବା ବସ୍ତୁ ଓ ଘଟଣାକୁ ଯୋଡ଼ି ୩-୪ ଟି ବାକ୍ୟ କ୍ରମରେ କହୁଛି | ୧ |
| ୩ | ପଢ଼ିଥିବା ପାଠକୁ ମାନଙ୍କ ଭାଷାରେ କହିବ | ଗପ ଓ କବିତାର ସାରାଂଶ ମାନକ ଭାଷାରେ କହୁଛି | |
| ୪ | ଶବ୍ଦ ଭଣ୍ଡାର | ଗପ ଓ କବିତାରେ ଆସୁଥିବା ନୂତନ ଶବ୍ଦକୁ ନେଇ ବାକ୍ୟଗଠନ କରୁଛି ଓ ପ୍ରତିଶବ୍ଦ କହୁଛି | ୫ |
| ଡିକୋଡିଂ | | | |
| ୧ | ଅକ୍ଷର ଓ ମାତ୍ରା ଚିହ୍ନିବ | ସମସ୍ତ ଅକ୍ଷର ଓ ମାତ୍ରା ଚିହ୍ନି ପଢୁଛି | ୩ |
| ୨ | ଶବ୍ଦ ପଠନ | ୨-୫ ଅକ୍ଷର ବିଶିଷ୍ଟ ସରଳ ଶବ୍ଦ ପଢୁଛି | ୪ |
| ପଠନ ବୋଧଗମ୍ୟତା | | | |
| ୧ | ଅର୍ଥ ବୁଝି ପଢ଼ିବ | ୪୦-୫୦ ଶବ୍ଦ ବିଶିଷ୍ଟ ପାଠକୁ ପଢ଼ି ବୁଝୁଛି ଓ ଦୁଇଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ଓ ଦୁଇଟି ମୁକ୍ତ ଉତ୍ତର ଦେଉଛି | ୮ |
| ୨ | ଧାରାପ୍ରବାହ ପଠନ | ପ୍ରତି ମିନିଟରେ ୩୦-୪୦ ଶବ୍ଦ ବିଶିଷ୍ଟ ସ୍ତର ଉପଯୋଗୀ ପାଠ ପଢୁଛି | ୬ |
| ଲିଖନ | | | |
| ୧ | ଶବ୍ଦ ଲିଖନ | ୨-୫ ଅକ୍ଷର ବିଶିଷ୍ଟ ଅବନା ଓ ମାତ୍ରାଯୁକ୍ତ ଶବ୍ଦ ଲେଖୁଛି | ୭ |
| ୨ | ବାକ୍ୟ ଲିଖନ | ଶୁଣିକରି ୨-୩ ଟି ସରଳ ବାକ୍ୟ ଲେଖିପାରୁଛି | |
| ୩ | ସୃଜନଶୀଳ ଲିଖନ | ଅନୁଭୂତି, ଚିତ୍ର, ପ୍ରସଙ୍ଗ ଓ ପଢ଼ିଥିବା ଗପ ବିଷୟରେ ୧-୨ ଟି ବାକ୍ୟ ଲେଖିପାରୁଛି | ୯ |

| ତୃତୀୟ ଶ୍ରେଣୀ - ସେପ୍ଟେମ୍ବର ମାସ ସଂକଳନ ଫର୍ଦ୍ଦ ( Consolidation )-ସଂଖ୍ୟାଜ୍ଞାନ | | |
|---|---|---|
| **ମୁଖ୍ୟ ଦକ୍ଷତା** | **ଉପ ଦକ୍ଷତା** | **ପର୍ଯ୍ୟାୟ ଭିତ୍ତିକ ମାନନିର୍ଦ୍ଧାରଣ ପ୍ରଶ୍ନ** |
| **ସ୍ଥାନ ଓ ସ୍ଥାନିକ ବୋଧ** | ଦ୍ୱି-ମାତ୍ରିକ ଆକୃତି/ବସ୍ତୁର ଧର୍ମ (ବାହୁ ସଂଖ୍ୟା ,ଶୀର୍ଷ ସଂଖ୍ୟା ,କର୍ଣ୍ଣ ସଂଖ୍ୟା ,ବିପରୀତ ବାହୁ )କୁ ଚିହ୍ନଟ କରିପାରୁଛି ,ବିଭିନ୍ନ ଚିତ୍ର ଅଙ୍କନ କରିପାରୁଛି । | ପ୍ରଶ୍ନ -୧ |
| | ବିଭିନ୍ନ ଆକୃତିର ଟାଇଲ ସଜାଇ ପାରୁଛି । ବସ୍ତୁ ବ୍ୟବହାର କରି ଆକୃତି ପ୍ରସ୍ତୁତ କରିପାରୁଛି । ଚିତ୍ର ଆଙ୍କି ପାରୁଛି । | ପ୍ରଶ୍ନ -୨ |
| **ସଂଖ୍ୟା ପରିଚୟ** | ତିନିଅଙ୍କ ବିଶିଷ୍ଟ ସଂଖ୍ୟା ଚିହ୍ନି ପାରୁଛି , ସଂଖ୍ୟା ଓ ସଂଖ୍ୟା ସୂଚକ କହିପାରୁଛି ଓ ଲେଖିପାରୁଛି । | ପ୍ରଶ୍ନ -୩ , ପ୍ରଶ୍ନ -୪ , ପ୍ରଶ୍ନ -୫ , ପ୍ରଶ୍ନ -୬ ପ୍ରଶ୍ନ -୯ ଏବଂ ପ୍ରଶ୍ନ -୧୦ |
| | ତିନି ଅଙ୍କ ବିଶିଷ୍ଟ ସଂଖ୍ୟାଗୁଡିକୁ ନେଇ ପୂର୍ବବର୍ତ୍ତୀ , ପରବର୍ତ୍ତୀ ,ମଧ୍ୟବର୍ତ୍ତୀ, ଉର୍ଦ୍ଧ କ୍ରମ ଓ ଅଧଃ କ୍ରମରେ ସଜାଇପାରୁଛି । | ପ୍ରଶ୍ନ -୭ |
| | ବାସ୍ତବବସ୍ତୁ ବ୍ୟବହାର କରି ସ୍ଥାନୀୟମାନ ଅନୁସାରେ ତିନିଅଙ୍କ ବିଶିଷ୍ଟ ସଂଖ୍ୟାମାନଙ୍କ ମଧ୍ୟରେ ସାନ ଓ ବଡ ସଂଖ୍ୟା ଚିହ୍ନିପାରୁଛି । | ପ୍ରଶ୍ନ -୮ |
| **ସଂଖ୍ୟା ଓ ସାଂଖ୍ୟିକ ପ୍ରକ୍ରିୟା** | ତିନିଅଙ୍କ ବିଶିଷ୍ଟ ସଂଖ୍ୟା ବ୍ୟବହାର କରି ଯୋଗ କରିପାରୁଛି(୯୯୯ ମଧ୍ୟରେ) | ପ୍ରଶ୍ନ -୧୧ |
| | ତିନିଅଙ୍କ ବିଶିଷ୍ଟ ସଂଖ୍ୟା ବ୍ୟବହାର କରି ବିୟୋଗ କରିପାରୁଛି (୯୯୯ ମଧ୍ୟରେ) | ପ୍ରଶ୍ନ -୧୩ |
| | ତିନିଅଙ୍କ ବିଶିଷ୍ଟ ସଂଖ୍ୟାର ଯୋଗ ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିପାରୁଛି । | ପ୍ରଶ୍ନ -୧୨ |

# Assessment Tracker Register

**ପ୍ରଶ୍ନ :**

- ପ୍ରଥମ ପର୍ଯ୍ୟାୟଭିତ୍ତିକ ମାନନିର୍ଦ୍ଧାରଣର ଫଳାଫଳକୁ ଆପଣମାନେ କିପରି ଲିପିବଦ୍ଧ କଲେ ?
- ଲିପିବଦ୍ଧ କରିଥିବା ତଥ୍ୟର ବିଶ୍ଳେଷଣ କିପରି କରିଲେ ?
- ପ୍ରଥମ,ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଭାଷା ଓ ଗଣିତରେ କେତେଜଣ ଶିକ୍ଷାର୍ଥୀ ନିପୁଣତା ସ୍ତର “●” ହାସଲ କରିଛନ୍ତି ?
- ପ୍ରଥମ,ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଭାଷା ଓ ଗଣିତରେ କେତେଜଣ ଶିକ୍ଷାର୍ଥୀ ଶ୍ରେଣୀ ଅନୁଯାୟୀ ଦକ୍ଷତା ହାସଲ “★” କରିଛନ୍ତି ?
- ପ୍ରଥମ,ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଭାଷା ଓ ଗଣିତରେ କେତେଜଣ ଶିକ୍ଷାର୍ଥୀ ‘+’ ଚିହ୍ନରେ ଅଛନ୍ତି ?
- ପ୍ରଥମ,ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଭାଷା ଓ ଗଣିତରେ କେତେଜଣ ଶିକ୍ଷାର୍ଥୀ “▲” ଚିହ୍ନରେ ଅଛନ୍ତି ?
- ପ୍ରତି ସ୍ତରର ଶିକ୍ଷାର୍ଥୀଙ୍କ ଶିକ୍ଷଣ ଅଭିବୃଦ୍ଧି ପାଇଁ ଆପଣ କେଉଁ କେଉଁ ଯୋଜନା କରିଛନ୍ତି ?
- ଏହି ଯୋଜନାକୁ କେଉଁ ଠାରେ ଲିପିବଦ୍ଧ କରିଛନ୍ତି / କରିବେ ?
- ଯୋଜନା ଅନୁଯାୟୀ କି କି ପଦକ୍ଷେପ ନେଇଛନ୍ତି /ନେବେ ?

# PARAKH ରାଷ୍ଟ୍ରୀୟ ସର୍ବେକ୍ଷଣ , ୨୦୨୪

- **କେବେ ହେବ :** ଡିସେମ୍ବର ୪
- **ଶ୍ରେଣୀ :** ତୃତୀୟ , ଷଷ୍ଠ ଓ ନବମ
- **ବିଷୟ :**

  **ତୃତୀୟ ଓ ଷଷ୍ଠ :** ଭାଷା ( ଓଡିଆ), ଗଣିତ , ପରିବେଶ ପାଠ

  **ନବମ :** ଭାଷା ( ଓଡିଆ), ଗଣିତ , ବିଜ୍ଞାନ , ସାମାଜିକ ପାଠ
- **ପ୍ରଶ୍ନ :** ବହୁ ବିକଳ୍ପମୂଳକ
- **OMR ଭିତ୍ତିକ**

**SLAS** ର ଜିା ଓ ବ୍ଲକ ରୀୟ ଫଳାଫଳକୁ ଆଧାର କରି ଶିାର୍ଥୀମାନ **NAS** ପାଇଁ ଡ୍ରି କରାଇବେ ।
କେଉଁ ଶିଣ ଫଳାଫଳରେ ଶିକ ଓ ଶିାର୍ଥୀ ସୁହାୟତା ଆବଶ୍ୟକ ସେଗୁଡିକୁ ଆକଳନ କରି ଶିଣ ଫଳାଫଳରେ ଉତି ଆଣିବା ପାଇଁ କାର୍ଯ୍ୟପା ହଣ କରି ୟୋଗ କରିବେ ।

# ବିଦ୍ୟାଳୟସ୍ତରୀୟ ପ୍ରସ୍ତୁତି କାର୍ଯ୍ୟ

- ତୃତୀୟ , ଷଷ୍ଠ ଓ ନବମ ଶ୍ରେଣୀର ଶିକ୍ଷାର୍ଥୀଙ୍କୁ ପ୍ରତିଦିନ ନମୁନା ପ୍ରଶ୍ନ ଅଭ୍ୟାସ କରାଇବେ । ( NAS ପ୍ରଶ୍ନ ଭଳି ପ୍ରୟୋଗାତ୍ମକ ପ୍ରଶ୍ନ )
- ପ୍ରତିଦିନ ନମୁନା ପ୍ରଶ୍ନ ଅଭ୍ୟାସ ପାଇଁ ସ୍ୱତନ୍ତ୍ର ପିରିଅଡ ରହିବ।
- ଦ୍ୱିତୀୟ , ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ପାଠକୁ ଅଧିକ ଗୁରୁତ୍ୱ ଦେବେ ।
- ଯେଉଁ ଶିକ୍ଷାର୍ଥୀମାନେ ପ୍ରଶ୍ନର ଠିକ୍ ଉତ୍ତର ଦେଇପାରିନଥିବେ , ସେମାନଙ୍କ ସହିତ ପୁନଃପ୍ରଶ୍ନର ଆଲୋଚନା କରିବେ ଓ ସେହି ଶିକ୍ଷଣ ଫଳାଫଳ ହାସଲକୁ ନିଶ୍ଚିତ କରିବେ ।
- ଶିକ୍ଷକ ନିଜେ ମଧ୍ୟ ପ୍ରଶ୍ନ ପ୍ରସ୍ତୁତ କରିବେ ।
- ଶିକ୍ଷାର୍ଥୀଙ୍କୁ OMR ଫର୍ଦ୍ଦ ସହିତ ଅଭ୍ୟସ୍ତ କରାଇବେ ।

*ମାସିକ କ୍ଲଷ୍ଟର ବୈଠକରେ ବିଭିନ୍ନ ଶ୍ରେଣୀ ପାଇଁ NAS pattern ପ୍ରଶ୍ନ ପ୍ରସ୍ତୁତ କରି ଉପସ୍ଥାପନ କରିବେ ।*

# ବିଦ୍ୟାଳୟରେ **PARAKH** ରାୀୟ ସର୍ବେଣ ନିମେ  ତ୍ରି ପାଇଁ  **CRCC** ଓ **DIET**ର ଭୂମିକା

- **CRCC** ଓ **DIET**ର ଶିକ ଶିକମାନେ ଣୋ କାର୍ଯ୍ୟ ପର୍ଯ୍ୟବେଣ କଲାବେଳେ ଶାର୍ଥୀମାନେ  **NAS** ପାଇଁ ତ୍ରୁ ନମୁନା ଶ୍ନଗୁଡ଼ିକୁ ଅଭ୍ୟାସ କରୁଛ ିକି ନାହିଁ  ସମୀ କରିବେ।
- ତିଦିନ ଯେପରି ଏହି କାର୍ଯ୍ୟ କରାଯାଉଥିବ , ତାକୁ ନିତି କରିବେ ।
- ଯେଉଁ ଶାର୍ଥୀ ମାନେ ଠିକ୍ ଉର ଦେଇପାରୁନଥିବେ , ସେମାନ ତୁ ଭାବେ ସେହି ଦତା ହାସଲ କରିବା ପାଇଁ ଶିକ ପଦପେ ନେବେ ।
- ଶିକମାନେ ବିଦ୍ୟାଳୟ / ଲ୍କୁର ରରେ ଉତ ମାନର ବହୁବିକ ଶ୍ନ ତୁ କରି ଣୋରେ ବ୍ୟବହାର କରିବେ ।
- ତ୍ୟେକ ଶିକ ଯେପରି **NAS pattern** ଶ୍ନ ତ୍ରି କରିବାରେ ସମ ହେବେ ସେଥିତି ଦୃ ିଦେବେ ।
- **DIET** ର ଶିକ ଶିକ , **CRCC** ଓ ବ୍ଲକ ଶା ଅଧିକାରୀ ମିଳିତ ସହଯୋଗରେ ଏହି ତ୍ରି କାର୍ଯ୍ୟର ପରିଚାଳନା କରାଯିବ ।

# Link for Sample Learning Outcome based Practice Questions uploaded in DIKSHA Portal

- Sample Practice Questions - Class 3 _ Language, Math and EVS
- Sample Class 6 Practice Questions_ Language, Math and EVS
- Sample Practice questions for Class 9 _ language, math, Science, SS

# ପ୍ରଶ୍ନପ୍ରସ୍ତୁତି

- ପୂର୍ବ ବୈଠକରେ କେଉଁ କାରର ଶ୍ନତ୍ତି ବିଷୟରେ ଆଲୋଚନା କରଯାଇଥିଲା ?
- ବିଦ୍ୟାଳୟରେ ଏହି ଶ୍ନ ଗୁଡିକ ଅଭ୍ୟାସ କରିବା ସମୟରେ କେଉଁ କେଉଁ ସୁବିଧା/ଅସୁବିଧା ହେଉଛି ?
- ସେହି ଅସୁବିଧାକୁ ଆପଣମାନେ କିପରି ଦୂର କରୁଛ ?
- ଦଳଗତ କାର୍ଯ୍ୟ - ଶ୍ନତ୍ତି

ଦଳ ଗଠନ (୪/୫ ଜଣ ରୁନେଇ )

↓

ତ୍ୟେକ  ଦଳ ଯେକୌଣସି ବିଷୟର ଗୋଟିଏ ଦତାରୁ ଦୁଇଟି ଲେଖାଏଁ ଶ୍ନ ତିଆରି କରିବେ **(NAS pattern ଶ୍ନ )**

↓

ଦଳଗତ ଉପାପନା

↓

ଆଲୋଚନା

# ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ

# List of display materials for all FLN schools

**ନିମ୍ନ ଲିଖିତ FLN ଶିକ୍ଷଣ ସାମଗ୍ରୀଗୁଡ଼ିକୁ FLN ଶ୍ରେଣୀଗୃହରେ ପ୍ରଦର୍ଶିତ କରିବେ ତଥା ଏହାର ବ୍ୟବହାର ନିଶ୍ଚିନ୍ତ କରିବେ -**

1. ସମସ୍ତ ବିଦ୍ୟାଳୟରେ ନିପୁଣ ଓଡ଼ିଶାର ଲୋଗୋ ଏବଂ ଶପଥ ପ୍ରଦର୍ଶିତ କରିବେ ।

2. OSEPA ଦ୍ୱାରା ପଠା ଯାଇଥିବା ଲକ୍ଷ୍ୟ ପୋଷ୍ଟର ପ୍ରତ୍ୟେକ FLN ଶ୍ରେଣୀଗୃହରେ ପ୍ରଦର୍ଶିତ କରିବେ ।

3. ଶ୍ରେଣୀଗୃହରେ ଏକ ଫଳପ୍ରଦ ଏବଂ ସୁସଜ୍ଜିତ ଛପାଲେଖା FLN କୋଣ ( ସାକ୍ଷରତା ଓ ସଂଖ୍ୟାଜ୍ଞାନ) ପ୍ରସ୍ତୁତ କରିବା -
ଶ୍ରେଣୀଗୃହର ପରିବେଶ ଶିଖିବା ଓ ଶିଖାଇବାକୁ ପ୍ରଭାବିତ କରିଥାଏ । ପ୍ରାଥମିକ ଶ୍ରେଣୀଗୁଡିକରେ ଏକ ଉତ୍ତମ ଶ୍ରେଣୀଗୃହର ପରିବେଶ ପିଲାଙ୍କୁ ବିଦ୍ୟାଳୟ ସହ ଯୋଡିହୋଇ ରହିବା ଓ ଶିଖିବା ପାଇଁ ପ୍ରେରିତ କରିଥାଏ । ଶ୍ରେଣୀର ପରିବେଶ ପିଲାଟି ପାଇଁ ଚିନ୍ତାକରିବା, ପଢିବା , ଲେଖିବା , ସ୍ୱାଧୀନ ଭାବେ କାମ କରି ଶିଖିବା ପାଇଁ ପ୍ରେରିତ କରିବା ଉଚିତ । ପ୍ରାଥମିକ ଶ୍ରେଣୀରେ ଭାଷା ଓ ସଂଖ୍ୟାଜ୍ଞାନର ଦକ୍ଷତା ବଢାଇବା ପାଇଁ ପିଲାଙ୍କ ସ୍ତର ଅନୁସାରେ ବିଭିନ୍ନ ଶିକ୍ଷଣ ସାମଗ୍ରୀଗୁଡିକର ପ୍ରଦର୍ଶନର ଆବଶ୍ୟକତା ରହିଛି । ସାମଗ୍ରୀଗୁଡିକର ପ୍ରଦର୍ଶନ ଏପରି ଭାବରେ ହେବା ଉଚିତ ଯାହାକୁ ପିଲାମାନେ ନିଜେ ଠିକ ଭାବରେ ଦେଖିବା ସହ ଛୁଇଁ ଅନୁଭବ କରିପାରିବେ । ଶିକ୍ଷକ ଏବଂ ଶିକ୍ଷାର୍ଥୀଙ୍କ ଦ୍ୱାରା ବିଦ୍ୟାଳୟ ସ୍ତରରେ ପ୍ରସ୍ତୁତ କରାଯାଇଥିବା ଶିକ୍ଷଣ ସାମଗ୍ରୀଗୁଡିକ ମଧ୍ୟ ଏହି କୋଣ ଗୁଡିକରେ ପ୍ରଦର୍ଶନ କରିପାରିବେ ।

   3 (କ)- ଭାଷାକୋଣ (Literacy Corner) - ଏହି କୋଣରେ ବଡ଼ ବହି, ଗଳ୍ପ କାର୍ଡ, କବିତା ପୋଷ୍ଟର, ଚିତ୍ର ପୋଷ୍ଟର, ଗପ ବହି (children story books), ଭାଷାକାର୍ଯ୍ୟପୁସ୍ତିକା, ଖେଳଣା ଓ ସହାୟକ ଶିକ୍ଷଣ ସାମଗ୍ରୀ ଆଦି ରଖାଯିବ । ପିଲାମାନେ ନିଜେ କୋଣରେ ଥିବା ସାମଗ୍ରୀଗୁଡିକ କାଢି ପଢିବେ ଓ ସାଥିମାନଙ୍କ ସହ ଆଲୋଚନା କରିବେ । ଏହି କୋଣ ପିଲାମାନଙ୍କୁ ମୌଖିକ ଭାବେ ପରିପ୍ରକାଶ କରିବା, ପଢିକି ବୁଝିବା ,ଚିନ୍ତା କରିବା, ତର୍ଜମା କରିବା ସହ ସେମାନଙ୍କ ଶବ୍ଦଜ୍ଞାନ ବଢାଇବାରେ ସହାୟକ ହେବ ।

   3 (ଖ)- ଗଣିତ କୋଣ (Numeracy Corner ) - ଏହି କୋଣରେ ଗଣିତ କଳିକା ଆନ୍ଦୋଳନ (GKA KIT) ଓ ଅନ୍ୟ ଶିକ୍ଷଣ ସାମଗ୍ରୀ ଆଦି ରଖାଯିବ । ପିଲାମାନେ ଦକ୍ଷତା ଅନୁଯାୟୀ କିଟ୍ ରେ ଦିଆଯାଇଥିବା ଶିକ୍ଷଣ ସାମଗ୍ରୀକୁ ନେଇ ବ୍ୟକ୍ତିଗତ ଓ ଦଳଗତ କାର୍ଯ୍ୟ କରିବେ । ଏହି କୋଣରେ ଗଣିତ କାର୍ଯ୍ୟପୁସ୍ତିକା ଓ ଶିକ୍ଷକ ଓ ପିଲାମାନଙ୍କ ହାତ ତିଆରି ଶିକ୍ଷଣ ସାମଗ୍ରୀକୁ ପ୍ରଦର୍ଶନ କରାଯିବ ।

4. ଶିକ୍ଷାର୍ଥୀମାନଙ୍କର ଘରୋଇ ଭାଷା ବା ମାତୃଭାଷାରେ ପ୍ରସ୍ତୁତ କରାଯାଇଥିବା ଶିକ୍ଷଣ ସାମଗ୍ରୀଗୁଡିକୁ ମଧ୍ୟ ଶ୍ରେଣୀଗୃହରେ ପ୍ରଦର୍ଶନ କରିବେ ବିଶେଷ କରି ଆଦିବାସୀ ବହୁଳ ଜିଲ୍ଲାଗୁଡିକରେ ଏହାକୁ ପାଳନ କରିବେ ।

5. ଉଭୟ ସାକ୍ଷରତା ଓ ସଂଖ୍ୟାଜ୍ଞାନ ପାଇଁ 120 ମିନିଟ୍ ଏବଂ ୨0 ମିନିଟ୍ ସମୟ ସାରଣୀରେ ନିଶ୍ଚିତ କରି ପ୍ରଦର୍ଶନ କରିବେ ।

6. ଶିକ୍ଷଣ ସୋପାନ ରେଜିଷ୍ଟରକୁ ପ୍ରତ୍ୟେକ ମାସରେ ବ୍ୟବହାର କରି ଶିକ୍ଷାର୍ଥୀଙ୍କର ଶିକ୍ଷଣ ପ୍ରଗତିକୁ ଅନୁଧାନ କରିବେ ଏବଂ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ସ୍ତର ଅନୁସାରେ ଶିକ୍ଷଣ କାର୍ଯ୍ୟ କରିବେ।

# Display of NIPUN Pledge and Recitation of NIPUN Song

**NIPUN Odisha theme Song**

ନା ବାଧା ରହିବ, ନା ବନ୍ଧନ ଥିବ
ଆମ ପଢ଼ା ଲେଖାରେ ସରି କିଏ ସେ ହେବ
ଆଉ ନଥିବ ପ୍ରଶ୍ନ, ଆମ ଭାଷା ଉପରେ
ଜୀବନ ବାଟରେ ସ୍ୱପ୍ନ ଝରିବ
କ ଖ ଗ ହେଉ ଅବା ଏକ ଦୁଇ ତିନି
ଅ ଆ ଇ ହେଉ କି ବା କ କା କି
ଶିଖିବା ପାଇଁ ମନେ ଭୟ ନଥିବ
ଏଇ ମୋ ଓଡ଼ିଶା ଭୂଇଁରେ
ଶିକ୍ଷାର ଦୀପ ନିତି ଜଳି ଉଠିବ
ଅପଢ଼ା ପିଲା କିଏ ଜଣେ ନଥିବ
ସବୁ ପିଲାଏ ପାଠ ପଢ଼ିବେ
ନିଜର ଭାଗ୍ୟ ନିଜେ ଗଢ଼ିବେ
ପଢ଼ା ଲେଖା ଓଡ଼ିଶା
ଆମ ପ୍ରିୟ ନିପୁଣ ଓଡ଼ିଶା
ପଢ଼ା ଲେଖା ଓଡ଼ିଶା
ନୂତନ ନିପୁଣ ଓଡ଼ିଶା
ଶିକ୍ଷା ପରିପୂର୍ଣ୍ଣ ଓଡ଼ିଶା
ନୂତନ ନିପୁଣ ଓଡ଼ିଶା
ଇତିହାସ ରଚିବ ଓଡ଼ିଶା
ଇତିହାସ ଲେଖିବ ଓଡ଼ିଶା
ନିପୁଣ ଓଡ଼ିଶାର ସ୍ୱପ୍ନ ଓ ଭାବନା
ସବୁପିଲା ଶିଖିବେ ଭାଷା ଓ ଗଣନା

**NIPUN Bharat Pledge to be displayed in odia language in Schools**

**NIPUN Bharat Mission Pledge**

ଅଭିଭାବକ ଓ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଶପଥ ପାଠ

ଆମେ ବିଦ୍ୟାଳୟରେ ଏକ ଆନନ୍ଦମୟ ଏବଂ ଶିକ୍ଷଣ ଭିତ୍ତିକ ପରିବେଶ ସୃଷ୍ଟି କରିବାକୁ ପ୍ରତିଜ୍ଞା କରୁଛୁ, ଯେଉଁଠାରେ ପିଲାମାନେ ସେମାନଙ୍କର ନିଜ ଭାଷାକୁ ମୁକ୍ତ ଭାବରେ ବ୍ୟବହାର କରିପାରିବେ, ମୁକ୍ତ ଭାବରେ ପ୍ରଶ୍ନ ପଚାରିପାରିବାର ସୁଯୋଗ ପାଇପାରିବେ, ମୁକ୍ତ ଭାବରେ ଖେଳି ପାରିବେ ଏବଂ ଯେଉଁଠାରେ ପ୍ରତି ପିଲାକୁ ସ୍ୱତନ୍ତ୍ର ମାନ୍ୟତା ଦିଆଯିବ ।

ଆସନ୍ତୁ, ଉଭୟ ବିଦ୍ୟାଳୟ ଓ ଘରକୁ ଏପରି ଗଢି ତୋଳିବା ଯେଉଁଠି ପ୍ରତ୍ୟେକ ପିଲାଙ୍କର ବୁଝିକି ପଢିବା , ଉଦ୍ଦେଶ୍ୟ ସହିତ ଲେଖିବା ଏବଂ ସଂଖ୍ୟାଜ୍ଞାନ ବୁଝିବା ପରି ଜୀବନବ୍ୟାପୀ କୌଶଳର ବିକାଶ ହେବ, ଯାହା ଦ୍ୱାରା ସେମାନେ ଦୈନନ୍ଦିନ ଜୀବନରେ ବିଭିନ୍ନ ପରିସ୍ଥିତିରେ ସେଗୁଡିକୁ ପ୍ରୟୋଗ କରିପାରିବେ ।

ଆସନ୍ତୁ, ଆମ ଦେଶର ପ୍ରତ୍ୟେକ ପିଲାଙ୍କ ପାଇଁ ଶିକ୍ଷାକୁ ଅର୍ଥପୂର୍ଣ୍ଣ ଏବଂ ଆନନ୍ଦମୟ କରିବା ପାଇଁ ପ୍ରୟାସ କରିବା । ପ୍ରତ୍ୟେକ ପିଲାଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କ୍ଷେତ୍ରରେ ଦକ୍ଷ କରିବା ।

**ଜୟ ହିନ୍ଦ!**

# ଧନ୍ୟବାଦ